# NATIONAL NEWS BULLETIN (ODIA)
## 4 June - 2025
## Morning Bulletin : 7.15 A.M.

************************************************

## ମୁଖ୍ୟ ସମ୍ବାଦ

- ଯୋଗକୁ ଲୋକପ୍ରିୟ କରିବାରେ ଯୋଗଆନ୍ଧ୍ରା ୨୦୨୫ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

– ସୁସ୍ଥ ଜୀବନଶୈଳୀରେ ଯୋଗର ଭୂମିକା ସମ୍ପର୍କରେ ସଚେତନତା ବୃଦ୍ଧି ନେଇ ଯୋଗଆନ୍ଧ୍ରା ୨୦୨୫ ଅଭିଯାନ ଆରମ୍ଭ କଲେ ଆନ୍ଧ୍ରପ୍ରଦେଶ ସରକାର ।

- ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ମହାରାଷ୍ଟ୍ର ପାଇଁ ଅତିରିକ୍ତ ଆବାସ ମଞ୍ଜୁର କଲେ କେନ୍ଦ୍ର ସରକାର ।

- ଓଡ଼ିଶାରେ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ଦକ୍ଷିଣ କୋରିଆର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ବିରୋଧୀ ଦଳ ନେତା ଲି ଜାଏ ମୁଙ୍ଗ ।

ଏବଂ

- ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ କ୍ରିକେଟ୍ ୨୦୨୫ ଟାଇଟଲ ବିଜୟୀ ।

## ପିଏମ୍-ଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୫ ଯୋଗ ଦିବସ ପାଇଁ ବୃଦ୍ଧି ପାଉଥିବା ଉତ୍ସାହରେ ଖୁସିବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗଆନ୍ଧ୍ରା ୨୦୨୫ ଏ ଦିଗରେ ଆନ୍ଧ୍ରପ୍ରଦେଶ ଲୋକଙ୍କର ଏକ ପ୍ରଶଂସନୀୟ ପଦକ୍ଷେପ । ଯୋଗକୁ ଲୋକପ୍ରିୟ କରିବା ପାଇଁ ଏହା ଏକ ଅନନ୍ୟ ପ୍ରୟାସ ବୋଲି ସେ କହିଛନ୍ତି । ଆସନ୍ତା ୨୧ ତାରିଖରେ ଆନ୍ଧ୍ରପ୍ରଦେଶରେ ଯୋଗଦିବସ ପାଳନ କରିବାକୁ ସେ ଅପେକ୍ଷା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏପି-ଯୋଗ ଆନ୍ଧ୍ରା ସେଲିବ୍ରେସନ୍

ସୁସ୍ଥ ଜୀବନଶୈଳୀରେ ଯୋଗର ଭୂମିକା ସମ୍ପର୍କରେ ଜନସଚେନତା ବୃଦ୍ଧି ଲକ୍ଷ୍ୟ ନେଇ ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ଯୋଗଆନ୍ଧ୍ରା ୨୦୨୫ ଅଭିଯାନ ଆରମ୍ଭ କରାଯାଇଛି । ଶ୍ରୀକାକୁଲମ୍ ଜିଲ୍ଲାର ଏକ ଉପକୂଳବର୍ତ୍ତୀ ଗ୍ରାମ ପେଡ୍ଡା ଗନଗଲ୍ଲଭନିପେଟା ଠାରେ ଗତକାଲି ଏକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଭ୍ୟାସ ଭାବରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ

ହୋଇଥିଲା । ଶ୍ରୀକାକୁଲମ୍ ବିଧାୟକ ଜି. ଶଙ୍କର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳ ସ୍ୱପ୍ନିଲ ଦିନକର ପୁଣ୍ଡକାର ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଯୋଗ ପ୍ରଶିକ୍ଷକ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଛାତ୍ରଛାତ୍ରୀ, ମହିଳା ଗୋଷ୍ଠୀ ସଦସ୍ୟ ଏବଂ ମତ୍ସ୍ୟଜୀବୀଙ୍କ ସମେତ ୩ ହଜାରରୁ ଅଧିକ ଲୋକ ଏଥିରେ ଅଂଶ ଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ଏହି ଅବସରରେ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀ ପାଇଁ ଯୋଗ ଅଭ୍ୟାସ ସମ୍ପର୍କିତ ଏକ ସାମୂହିକ ପ୍ରତିଜ୍ଞା ନେଇଥିଲେ ।

## ମହା-ସିଏମ୍

ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ କେନ୍ଦ୍ର ସରକାର ମହାରାଷ୍ଟ୍ର ପାଇଁ ଅତିରିକ୍ତ ୧୦ ଲକ୍ଷ ୨୯ ହଜାର ୯୫୭ ଆବାସ ମଞ୍ଜୁର କରିଛନ୍ତି । ମହାରାଷ୍ଟ୍ରରେ ଗ୍ରାମାଞ୍ଚଳ ଆବାସ ନିର୍ମାଣକୁ ପ୍ରୋତ୍ସାହନ ପ୍ରଦାନ ସ୍ୱରୂପ କେନ୍ଦ୍ର ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ପ୍ରଦାନ କରିଛନ୍ତି । ଏଥିପାଇଁ ଶ୍ରୀ ଫଡ଼ଣାବିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନା ଯୋଗ୍ୟ ସମସ୍ତଙ୍କ ପାଇଁ ଆବାସ ଅଭିଯାନ ଅଧୀନରେ ଗ୍ରାମୀଣ ଆବାସ ଯୋଜନାକୁ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମଗ୍ର ଦେଶରେ ୨ କୋଟିରୁ ଅଧିକ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି । ୨୦୧୬ରେ ଏହି

ଯୋଜନା ଆରମ୍ଭ ହେବା ପରଠାରୁ ମହାରାଷ୍ଟ୍ର ପାଇଁ ମଞ୍ଜୁର ହୋଇଥିବା ଗ୍ରାମୀଣ ଆବାସ ସଂଖ୍ୟା ଏବେ ୪୪ ଲକ୍ଷ ୭୦ ହଜାର ୮୨୯ରେ ପହଞ୍ଚିଛି ।

## ଜେଆଣ୍ଡକେ-ଜଲ ସଞ୍ଚୟ ଜନଭାଗିଦାରୀ

କ୍ୟାଚ୍ ଦି ରେନ୍ ଅଭିଯାନ ଅଧୀନରେ ଜନଭାଗିଦାରିତାରେ ଜଳ ସଞ୍ଚୟ କ୍ଷେତ୍ରରେ ଉତ୍ତର-ପୂର୍ବ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ଜାମ୍ମୁ କାଶ୍ମୀରର ରାଜୌରୀ ଜିଲ୍ଲା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଜଳ ସଂରକ୍ଷଣ କ୍ଷେତ୍ରରେ ଏହା ଅଗ୍ରଣୀ ଜିଲ୍ଲାର ମାନ୍ୟତା ହାସଲ କରିଛି । ଏହି ସଫଳତା ପାଇଁ ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଗତକାଲି ଅନୁଷ୍ଠିତ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକରେ ରାଜୌରୀ ଜିଲ୍ଲାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ଜିଲ୍ଲା ଉନ୍ନୟନ କମିଶନର ଅଭିଶେକ ଶର୍ମା, କ୍ୟାଚ୍ ଦି ରେନ୍ ଅଭିଯାନ ଅଧୀନରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

## ହଜ୍ ପିଲିଗ୍ରିମେଜ୍

ବାର୍ଷିକ ୫ ଦିନିଆ ହଜ୍ ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ମକ୍କା ନଗରୀରୁ ଶ୍ରଦ୍ଧାଳୁ ତମ୍ବୁ ନଗରୀ  ମିନାରେ ଏକତ୍ରିତ ହେବା ପାଇଁ ଆଜିଠୁ ଯାତ୍ରା ଆରମ୍ଭ କରିବେ । ଭାରତ ସମେତ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମକ୍କା ନଗରୀରେ ଏକତ୍ର ହୋଇଛନ୍ତି । ଶ୍ରଦ୍ଧାଳୁ ଆଜି ତମ୍ବୁ ନଗରୀରେ ରାତ୍ରି

ଯାପନ ପରେ ଆସନ୍ତାକାଲି ଭୋରରୁ ହଜ୍ ପ୍ରାର୍ଥନାର ରିତିନୀତି ସମ୍ପନ୍ନ ପାଇଁ ଆରାଫତ୍ ଅଭିମୁଖେ ଯାତ୍ରା କରିବେ ।

## ଫ୍ୟାକ୍ଟ ଚେକ୍ ଆର୍‌ବିଆଇ

ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ବନ୍ଦ କରିବା ସଂକ୍ରାନ୍ତ ଏକ ୟୁଟ୍ୟୁବ୍ ଭିଡ଼ିଓକୁ ସରକାର ତଥ୍ୟ ଭିତ୍ତିକ ନୁହେଁ ବୋଲି କହିଛନ୍ତି । ଗଣମାଧ୍ୟମ ସୂଚନା କାର୍ଯ୍ୟାଳୟର ସତ୍ୟାସତ୍ୟ ସମୀକ୍ଷା ୟୁନିଟ୍ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆର୍.ବି.ଆଇ. ପକ୍ଷରୁ ଏପରି କୌଣସି ଘୋଷଣା କରାଯାଇ ନାହିଁ । ୫୦୦ ଟଙ୍କିଆ ନୋଟ୍ ବନ୍ଦ କରାଯିବ ନାହିଁ ଏବଂ ଏହା ଆଇନ୍‌ଗତ ଭାବେ ସ୍ଥାୟୀ ରହିବ ବୋଲି ଏହି ୟୁନିଟ୍ ସ୍ପଷ୍ଟ କରିଛି । ୟୁଟ୍ୟୁବ୍‌ରେ ପ୍ରସାରିତ ଏଭଳି ଭିତ୍ତିହୀନ ଭିଡ଼ିଓକୁ ବିଶ୍ୱାସ ନ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଶୂନ୍ୟ ଦୁର୍ଘଟଣା ଦିବସ

ଦୁର୍ଘଟଣା’ ଏକ ସାମଗ୍ରିକ କ୍ଷତି ହୋଇଥିବାରୁ ଏହା ପରିବାର ଓ ରାଜ୍ୟ ସମେତ ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ‘ଶୂନ୍ୟ ଦୁର୍ଘଟଣା ଦିବସ’ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଘରୁ

ବାହାରିବାଠାରୁ ଫେରିବା ପର୍ଯ୍ୟନ୍ତ ସଡ଼କ ସୁରକ୍ଷାର ସମସ୍ତ ନିୟମ ଠିକ୍ ଭାବେ ପାଳନ କରି ସୁରକ୍ଷିତ ଭାବେ ଘରକୁ ଫେରିବା ସୁନିଶ୍ଚିତ କରିବା ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୭୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଶୁଭାରମ୍ଭ କରିଛନ୍ତି । ଏଥିରେ ୧୫ଟି ସୁପର ପ୍ରିମିୟମ୍ ଭଲ୍‌ଭୋ ବସ୍ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ର ମଧ ଶୁଭାରମ୍ଭ ହୋଇଛି ।

ସୂଚନା ଯୋଗ୍ୟ, ସଡ଼କ ଦୁର୍ଘଟଣା ହ୍ରାସ ଲକ୍ଷ୍ୟ ନେଇ ଆଇ.ଆଇ.ଟି., ମାଡ୍ରାସ୍ ସହଯୋଗରେ ରାଜ୍ୟରେ ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣା ଦିବସ ପାଳନ କରାଯାଉଛି ।

## ଏସ୍ କୋରିଆ ଇଲେକ୍‌ସନ୍ ରେଜଲ୍ଟ

ଦକ୍ଷିଣ କୋରିଆର ବିରୋଧୀ ଦଳ ନେତା ଲି ଜାଏ ମୁଙ୍ଗ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ନିକଟରେ ଅନୁଷ୍ଠିତ ନିର୍ବାଚନର ଫଳାଫଳ ତାଙ୍କ ସପକ୍ଷରେ ଯିବା ନେଇ ସ୍ପଷ୍ଟ ହୋଇଛି । ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ତଥା ବର୍ତ୍ତମାନର ରାଷ୍ଟ୍ରପତି କିମ୍ ମୁନ୍ ସୁଙ୍କ ଠାରୁ ଭୋଟ ଗଣତିରେ ସେ ବହୁ ଆଗରେ ରହିଛନ୍ତି । ରାଷ୍ଟ୍ରପତି ସୁ ତାଙ୍କର ପରାଜୟ ସ୍ୱୀକାର କରିବା ସହ ଶ୍ରୀ ମୁଙ୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।  ନିର୍ବାଚନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ଫଳାଫଳ ଅନୁଯାୟୀ ଏ ପର୍ଯ୍ୟନ୍ତ ୯୯ ପ୍ରତିଶତରୁ ଅଧିକ ଭୋଟ ଗଣନା ସରିଛି । ବିରୋଧୀ ଦଳ ନେତା ଶ୍ରୀ ମୁଙ୍ଗ ୨ ନିୟୁତରୁ ଅଧିକ ଭୋଟରେ ଆଗୁଆ ଅଛନ୍ତି ।

## ମିଶ୍ରି-ୟୁକେ

ଆତଙ୍କବାଦ ବିରୋଧରେ ପଦକ୍ଷେପକୁ ବ୍ରିଟେନ୍ ସରକାରଙ୍କ ସମର୍ଥନ ପରିପ୍ରେକ୍ଷୀରେ ଭାରତ ଉଚ୍ଚ ପ୍ରଶଂସା କରିଛି । ନୂଆଦିଲ୍ଲୀ ଠାରେ ଗତକାଲି ବୈଦେଶିକ ସଚିବ ବିକ୍ରମ ମିଶ୍ରି ବ୍ରିଟେନ୍‌ର ବୈଦେଶିକ, ରାଜ୍ୟଗୋଷ୍ଠୀ ଓ ବିକାଶ କାର୍ଯ୍ୟାଳୟର ସ୍ଥାୟୀ ଉପସଚିବ ଅଲିଭର ରବିନ୍ସଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସତରତମ ଭାରତ-ୟୁକେ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ଏବଂ ରଣନୈତିକ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ଆଲୋଚନା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ବିବୃତ୍ତିରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ ଭାଗିଦାରୀତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ଏବଂ ନୂତନ ମାର୍ଗ ଉନ୍ମୋଚନ ନେଇ ଏହା ସୁଯୋଗ ପ୍ରଦାନ କରିଛି ବୋଲି ମନ୍ତ୍ରଣାଳୟ କହିଛି । ନିବେଶ, ଆର୍ଥିକ କ୍ଷେତ୍ର, ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ଆତଙ୍କବାଦ ବିରୋଧି ପଦକ୍ଷେପ, ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ସହଭାଗିତା ଆଲୋଚନାରେ ସ୍ଥାନ ପାଇଥିବା ମନ୍ତ୍ରଣାଳୟ କହିଛି ।

## ବିଜେପି-କଂଗ୍ରେସ

ଭାରତ କୌଣସି ପରିସ୍ଥିତିରେ ଆତଙ୍କବାଦ ସମ୍ମୁଖରେ ଆତ୍ମସମର୍ପଣ କରିନାହିଁ ବୋଲି ବିଜେପି ସାଂସଦ ସମ୍ବିତ ପାତ୍ର କହିଛନ୍ତି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ପୋଷ୍ଟ କରି ଶ୍ରୀ ପାତ୍ର ଅପରେସନ ସିନ୍ଦୂର, ଭାରତୀୟ ସେନା ଏବଂ ଦେଶକୁ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଅପମାନ କରିଥିବା ନେଇ ଅଭିଯୋଗ କରିଛନ୍ତି । ଭୋପାଳରେ ଗତକାଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଗାନ୍ଧି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ସାଂସଦ ଶ୍ରୀ ପାତ୍ର ଏହା କହିଛନ୍ତି ।

**V/O - SAMBIT-PATRA**

# ଆଇପିଏଲ୍

ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ କ୍ରିକେଟ୍ ୨୦୨୫ ଟାଇଟଲ ହାସଲ କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗସ୍‌କୁ ୬ ରନ୍‌ରେ ପରାସ୍ତ କରି ଏହି ସଫଳତା ପାଇଛି । ପ୍ରଥମଥର ପାଇଁ ଆଇପିଏଲ୍ ଟାଇଟଲ୍ ଜିତିବା ପରେ ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ଏହାର ଶ୍ରେୟ ବୀରାଟ କୋହଲି, ଦଳର ସମସ୍ତ ସଦସ୍ୟ ଏବଂ ପ୍ରଶଂସକଙ୍କୁ ଉତ୍ସର୍ଗ କରିଛନ୍ତି । ପ୍ରତ୍ୟେକ ଖେଳାଳିଙ୍କୁ ସମର୍ଥନ କରିଥିବାରୁ ଦଳ ପରିଚାଳନା ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି ।

ଟସ୍ ଜିତି ପଞ୍ଜାବ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୯୦ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବୀରାଟ କୋହଲି ସର୍ବାଧିକ ୪୩ରନ୍

ସଂଗ୍ରହ କରିଥିଲେ । ୧୯୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗସ୍ ୭ ଓ୍ୱିକେଟ୍ ବିନିମୟରେ ୧୮୪ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଶଶାଙ୍କ ସିଂହ ସର୍ବାଧିକ ଅପରାଜିତ ୬୧ରନ୍ ସଂଗ୍ରହ କରିଥିଲେ । ବେଙ୍ଗାଲୁରୁ ଦଳର କ୍ରୁନାଲ୍ ପାଣ୍ଡିଆ ୪ ଓଭର ୧୭ ରନ୍ ବିନିମୟରେ ୨ଟି ଓ୍ୱିକେଟ୍ ହାସଲ କରିଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଅନ୍ୟ ପୁରସ୍କାର ଗୁଡ଼ିକ ମଧ୍ୟରେ ଚଳିତ ଆଇପିଏଲ୍ ସିଜିନ୍‌ରେ ଗୁଜରାଟ ଟାଇଟନ୍ସ ପାଇଁ ସାଇ ସୁଦର୍ଶନ ସର୍ବାଧିକ ରନ୍ ସଂଗ୍ରହ କରିଥିବାରୁ ଅରେଞ୍ଜ କ୍ୟାପ୍ ଏବଂ ସେହି ଦଳର ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ଓ୍ୱିକେଟ୍ ହାସଲ କରିଥିବାରୁ ପର୍ପଲ୍ କ୍ୟାପ୍ ପାଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟ କୁମାର ଯାଦବଙ୍କୁ ଟୁର୍ଣ୍ଣାମେଣ୍ଟର ସବୁଠାରୁ ମୂଲ୍ୟବାନ ଖେଳାଳି ଭାବେ ପୁରସ୍କାର କରାଯାଇଛି ।